# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**14 January – 2026**

## ମୁଖ୍ୟମନ୍ତ୍ରୀ

ସଂସ୍କୃତି ସମାଜର ଆତ୍ମା ଏବଂ ନାଟକ ଆମ ଚିନ୍ତାଧାରା, ସଂଘର୍ଷ, ଆଶା ଏବଂ ସ୍ୱପ୍ନକୁ ପ୍ରତିଫଳିତ କରିବାର ଏକ ଶକ୍ତିଶାଳୀ ମାଧ୍ୟମ ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି କହିଥିଲେ । କେନ୍ଦୁଝର ଜିଲ୍ଲା ପ୍ରେକ୍ଷାଳୟରେ ନ୍ୟାସନାଲ ସ୍କୁଲ ଅଫ ଡ୍ରାମା ଏବଂ ସ୍ୱିରଜା ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଅଭିନୟ କର୍ମଶାଳାର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାରଙ୍କ ସହଯୋଗରେ କେନ୍ଦୁଝରରେ ନ୍ୟାସନାଲ ସ୍କୁଲ ଅଫ ଡ୍ରାମାର ଏକ ଶାଖା ପ୍ରତିଷ୍ଠା କରାଯିବ । ଏହାର ଉନ୍ନତି ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାରର ସହଯୋଗ ଯୋଗାଇଦେବେ । ଜାତୀୟ ନାଟ୍ୟ ବିଦ୍ୟାଳୟ ଭାରତୀୟ ନାଟ୍ୟ ଶାଳାକୁ ଗଠନ କରିବାରେ ତଥା କଳାକାରମାନଙ୍କୁ ଅଭିନୟ କଳା ସହ ଯୋଡି ରଖିବ । ପାଇଁ ଐତିହାସିକ ଭୂମିକ ଗ୍ରହଣ କରିଛି ବୋଲି ଶ୍ରୀ ମାଝୀ କହିଛନ୍ତି ।

## ପ୍ରସ୍ତୁତି ବୈଠକ

ଆସନ୍ତା ପୁରୀ ରଥଯାତ୍ରା ପର୍ଯ୍ୟନ୍ତ ପ୍ରତି ମାସରେ ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରାଯିବ ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ।

ଭୁବନେଶ୍ୱରଠାରେ  ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ଶ୍ରୀମତୀ ଗର୍ଗ, ବିଗତ ଦିନରେ ହୋଇଥିବା ତ୍ରୁଟିକୁ ଚିହ୍ନଟ ସହ ସେଗୁଡିକର ସୁଧାର ଏବଂ ଆବଶ୍ୟକୀୟ ପଦକ୍ଷେପ ସଂକ୍ରାନ୍ତରେ ରିପୋର୍ଟ ଦାଖଲ ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସ୍ୱାସ୍ଥ୍ୟ, ପିଇବା ପାଣି, ସ୍ୱଚ୍ଛତା, ଭିଡ ପରିଚାଳନା ଏବଂ ଟ୍ରାଫିକ୍ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଛି। ଏ ସମ୍ପର୍କରେ ଶ୍ରୀମତୀ ଗର୍ଗ କହିଛନ୍ତି

**V/O**

# ପାନୀୟ ଜଳ ପ୍ରକଳ୍ପ ସମୀକ୍ଷା

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଏବଂ ନିର୍ମାଣଧୀନ ଗ୍ରାମୀଣ ପାନୀୟ ଜଳ ପ୍ରକଳ୍ପଗୁଡିକର  ସମୀକ୍ଷା କରିଛନ୍ତି । ଲୋକସେବା ଭବନରେ ଗତକାଲି ଅନୁଷ୍ଠିତ ବୈଠକରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ରାଜ୍ୟରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସ୍ଥିତି ଉପସ୍ଥାପନ କରାଯାଇଥିଲା । ଏହି ବୈଠକରେ ନିର୍ମାଣଧୀନ ପ୍ରକଳ୍ପଗୁଡିକ ଶୀଘ୍ର ଶେଷ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।

# ଶ୍ରୀମନ୍ଦିର-ମକର ନୀତି

ଦେଶ ବ୍ୟାପୀ ଆଜି ଆନନ୍ଦ ଉଲ୍ଲାସ ସହ ପବିତ୍ର ମକରସଂକ୍ରାନ୍ତି ପର୍ବ ପାଳନ କରାଯାଉଛି । ଏହି ଅବସରରେ ରାଜ୍ୟର ବିଭିନ୍ନ ଶୈବପୀଠ ତଥା ଅନ୍ୟ ମନ୍ଦିରଗୁଡିକରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି । ବିଭିନ୍ନ ମହୋଦଧି ଓ ନଦୀରେ ଶ୍ରଦ୍ଧାଳୁମାନେ ବୁଡ ପକାଉଛନ୍ତି ।

ଏହି ଅବସରରେ ସାକ୍ଷୀଗୋପାଳସ୍ଥିତ ଶ୍ରୀଗୋପାଳ ଜୀଉଙ୍କ ମନ୍ଦିର, ବ୍ରହ୍ମଗିରିସ୍ଥିତ ଶ୍ରୀଅଲାରନାଥ ଦେବଙ୍କ ପୀଠ, ଭଦ୍ରକର ଆରଡ଼ିର ବାବା ଆଖଣ୍ଡଳମଣି ପୀଠ, ବଡ଼ମ୍ବାର ସିଂହନାଥ ପୀଠ, ପଶ୍ଚିମ ଓଡ଼ିଶାର ନୃସିଂହନାଥ, ହରିଶଙ୍କର, ମା'ସମଲେଶ୍ୱରୀ ଏବଂ ପାଟଣେଶ୍ୱରୀ ପୀଠରେ ମକର ସଂକ୍ରାନ୍ତୀ ଲାଗି କେତେକ ବିଶେଷ ନୀତିକାନ୍ତି ଅନୁଷ୍ଠିତ ହେଉଛି ।

# ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତିକାନ୍ତି

ପୁରୀ ଶ୍ରୀମନ୍ଦିରରେ ଆଜି ମକର ସଂକ୍ରାନ୍ତି ଅବସରରେ ଶ୍ରୀଜୀଉଙ୍କର ମକର ଚୌରାଶୀ ବେଶ ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନିତୀନିର୍ଘଣ୍ଟ କରାଯାଇଛି । ଶ୍ରୀଜୀଉମାନଙ୍କର ତ୍ରିମୁଣ୍ଡିରେ ମକରଚୂଳ ଲାଗି ହେବା ପରେ କର୍ପୂର ଲାଗି ହୋଇ ବେଶ ବଢିବ ବୋଲି ଜଣାଯାଇଛି । ମଇଲମ, ମହାସ୍ନାନ, ସର୍ବାଙ୍ଗ ଲାଗି ଆଦି ନୀତି ପରେ ମାଳଚୂଳ ଲାଗି ହୋଇ ମହାପ୍ରଭୁ ମକର ଚୌରାଶୀବେଶରେ ଭକ୍ତଙ୍କୁ

ଦର୍ଶନ ଦେବେ । ଗତକାଲି କୁମ୍ଭାରପଡା ସ୍ଥିତ ଆଲମଚଣ୍ଡୀ ମନ୍ଦିରରୁ ଶ୍ରୀମନ୍ଦିରକୁ ଆସିଥିବା ସ୍ୱତନ୍ତ୍ର ୫ଟି ମକରତାଡରେ ମକରଚାଉଳ ଭୋଗ ହେବା ସହ ଏହା ବେଢା ପରିକ୍ରମା କରି ମହାପ୍ରଭୁଙ୍କ ନିକଟରେ ସମର୍ପଣ ହେବ ବୋଲି ଜଣାଯାଇଛି ।

## ଓଡିଶା ଯାତ୍ରା ଆପ୍

ରାଜ୍ୟ ସରକାରଙ୍କ ପକ୍ଷରୁ ଓଡିଶା ଯାତ୍ରୀ ଗୋଟିଏ ଆପ୍ ଅନେକ ଯାତ୍ରା ଏକ ସ୍ମାର୍ଟ ଓଡିଶାର ଶୁଭାରମ୍ଭ କରାଯାଇଛି । ଡିଜିଟାଲ ଶାସନ, ଯାତ୍ରୀଙ୍କ ସୁବିଧା ଏବଂ ପ୍ରତ୍ୟେକ ଅଞ୍ଚଳରେ ଉତ୍କୃଷ୍ଟ ସଂଯୋଗୀକରଣ ବ୍ୟବସ୍ଥାକୁ ପ୍ରାଧାନ୍ୟ ଦେଇ ଏହି ସମନ୍ୱିତ ଡିଜିଟାଲ ପରିବହନ ପ୍ଲାଟଫର୍ମ ପ୍ରସ୍ତୁତ କରାଯାଇଛି ।

## ସଂକ୍ଷିପ୍ତରେ...

ସହରାଞ୍ଚଳ ଜମି ରେକର୍ଡଗୁଡିକୁ ଅତ୍ୟାଧୁନିକ ଏବଂ ସମନ୍ୱିତ କରିବା ନେଇ ନକ୍ସା କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଝାରସୁଗୁଡାଠାରେ ଅନୁଷ୍ଠିତ ହୋଇଯାଇଛି ।

ଖୋର୍ଦ୍ଧା ଜିଲ୍ଲା ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ।

କୋରାପୁଟ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜାତୀୟ ଫଟୋଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ବରଗଡ, ନୂଆପଡା ଏବଂ ଖୋର୍ଦ୍ଧା ଜିଲ୍ଲାରେ ପାଣି ପଞ୍ଚାୟତ ପକ୍ଷ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

# ଧନୁଷ ଯାତ୍ରା

ଅଯୋଧ୍ୟା ଅଭିମୁଖେ ବାହାରିଥିବା ସ୍ୱର୍ଣ୍ଣ ଧନୁଷ ଯାତ୍ରାକୁ ଆସନ୍ତାକାଲି ଭଦ୍ରକ ଜିଲ୍ଲାରୁ ସ୍ୱାଗତ କରାଯିବ । ଏହାକୁ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ନିଆଯିବ ବୋଲି ଭଦ୍ରକ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଜଣାଯାଇଛି । ଏହି ଯାତ୍ରା ରାଉରକେଲାର ହନୁମାନ ବାଟିକାରୁ ବାହାରି ରାଜ୍ୟର ୩୦ଟି ଜିଲ୍ଲା ପରିକ୍ରମା କରୁଛି ।

## ବ୍ୟାସକବି-ଜୟନ୍ତୀ

ଭାଷା ସୁରକ୍ଷା ଆନ୍ଦୋଳନର କର୍ଣ୍ଣଧାର ତଥା ସାଂସ୍କୃତିକ ଜାଗରଣର ଅଗ୍ରଦୂତ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଆଜି ପାଳନ କରାଯାଉଛି । ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ବ୍ୟାସ କବି ଫକୀରମୋହନ ସ୍ମୃତି ସଂସଦ ପକ୍ଷରୁ ଅପରାହ୍ଣରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ବ୍ୟାସକବିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳନ କରାଯିବ ।

# ପାଣିପାଗ

ରାଜ୍ୟରେ ଶୀତ ଲହରୀଜାରି ରହିଛି । ଆସନ୍ତା ୧୭ତାରିଖ ପର୍ଯ୍ୟନ୍ତ ଶୀତର ପ୍ରଭାବ ଜାରି ରହିବ । ତେବେ ୧୮ତାରିଖରୁ ପଶ୍ଚିମାଝଡ ପ୍ରଭାବରେ ତାପମାତ୍ରା ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଶୀତ ଲହରି ବୃଦ୍ଧି ପାଇଁ  କଟକ, ଜଗତସିଂହପୁର, ଅନୁଗୋଳ, ଝାରସୁଗୁଡା ଓ ଖୋର୍ଦ୍ଧା ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଗତକାଲି ଜି.ଉଦୟଗିରି ଠାରେ ସର୍ବନିମ୍ନ ତାପମାତ୍ରା ୪ଦଶମିକ ୬ଡିଗ୍ରୀ ରହିଥିଲା ।